## ଏବଂ ଚକ୍ରବ୍ୟୂହ, ଗୁଞ୍ଜନ

ଲେଖକ: କସ୍ତୁରି ଚରଣ ଦାସ
ପ୍ରକାଶକ: କାହାଣୀ,
କଲ୍ୟାଣୀ ନଗର, କଟକ-୧୩



ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପରିଚିତ ନାମ କସ୍ତୁରି ଚରଣ ଦାସ। ତାଙ୍କର ରସୋତୀର୍ଣ୍ଣ ରହସ୍ୟ ଉପନ୍ୟାସ ପାଠକକୁ ଏକଦା କରିଦେଉଥିଲା ରୋମାଞ୍ଚିତ। ଓଡ଼ିଆ ରହସ୍ୟ ଉପନ୍ୟାସର ସଫଳ ସ୍ରଷ୍ଟା ଶ୍ରୀଯୁକ୍ତ ଦାସ ପ୍ରଥମେ ଅନ୍ତର୍ଭେଦୀ ଗଳ୍ପ, ଉପନ୍ୟାସ ରଚନା କରିବା ପରେପରେ ମନୋନିବେଶ କରିଥିଲେ ରହସ୍ୟ ଉପନ୍ୟାସରେ। ସେ ରଚନା କରିଛନ୍ତି ଶତାଧିକ ରହସ୍ୟ ଉପନ୍ୟାସ। ସେଇସବୁ ଏକକ ଉପନ୍ୟାସ ପୁନଃ ସଂକଳିତ ହୋଇ ପ୍ରକାଶ ପାଇବା ସୁଖର ବିଷୟ। 'ଏବଂ ଚକ୍ରବ୍ୟୂହ' ଓ 'ଗୁଞ୍ଜନ' ହେଉଛି ସେମିତି ଦୁଇଟି ଉପନ୍ୟାସ ସଂକଳନ। ଉଭୟରେ ସଂକଳିତ ହୋଇଛି ପାଞ୍ଚଟି ଲେଖାଏଁ ଉପନ୍ୟାସ। 'ଏବଂ ଚକ୍ରବ୍ୟୂହ'ରେ ରହିଛି- 'ଡାଆଣୀ ଆଲୁଅ', 'ଗୋପନଚାରିଣୀ', 'ଛାୟା ସଙ୍ଗିନୀ', 'ମିସ୍ ଅଳକାନନ୍ଦା' ଓ 'ଚକ୍ରବ୍ୟୂହ' ଭଳି ପାଞ୍ଚଟି ରହସ୍ୟ ଉପନ୍ୟାସ। ସେମିତି ଅନ୍ୟ ଏକ ଉପନ୍ୟାସ ସଂଗ୍ରହ 'ଗୁଞ୍ଜନ'ରେ ବି ରହିଛି ପାଞ୍ଚଟି ଉପନ୍ୟାସ- 'ଅନ୍ଧକାରେ ଏକା', 'ଉତ୍ତୁନୀଳ', 'ଜଳ ତରଙ୍ଗ', 'ଲଳିତା ସମ୍ବାଦ' ଓ 'ଲାଇଲି ଗୋଟିଏ ଝିଅର ନାମ'। ଉପନ୍ୟାସଗୁଡ଼ିକରୁ ବାରି ହୋଇପଡ଼େ ଔପନ୍ୟାସିକଙ୍କର ସ୍ୱତନ୍ତ୍ରତା। ସାବଲୀଳ ଭାଷା ତଥା ବିଷୟ ବିନ୍ୟାସ ମନ ଭିତରେ ସୃଷ୍ଟି କରନ୍ତି ରୋମାଞ୍ଚ। ପୁସ୍ତକ ଦୁଇଟି ନିଶ୍ଚିତ ଭାବରେ ସଂଗ୍ରହଣୀୟ।

---



## କାଶୀ ମରଣାନ୍ମୁକ୍ତି

ଔପନ୍ୟାସିକ: ମନୋଜ ଠକ୍କର ଓ ରଶ୍ମି ଛାଜେଡ୍
ପ୍ରକାଶକ: ଶିବ ଓଁ ସାଇ ପ୍ରକାଶନ,
୯ ଛା/୩, କଲ୍ପନା ନଗର, ଉଜ୍ଜୟନ-୩

ଆଜି ଯିଏ ନାସ୍ତିକ କାଲି ସିଏ ଆସ୍ତିକରେ ପରିଣତ ହୋଇପାରେ। ଆଜି ଯିଏ ଅଜ୍ଞାନ କାଲି ସିଏ ଜ୍ଞାନୀରେ ପରିବର୍ତ୍ତିତ ହୋଇପାରେ। ପଶୁ ବି ପରିଣତ ହୋଇପାରେ ପଶୁପତିରେ। ଏଥିପାଇଁ ଲୋଡ଼ା ଆତ୍ମବିଶ୍ୱାସ। ଆଗ୍ରହ। ସଚେତନତା। ବାଟ। ସେ ବାଟ ହୋଇପାରେ ଆଧ୍ୟାତ୍ମିକତା। ଯୋଉ ମାର୍ଗରେ ଚାଲୁଚାଲୁ ଜଣେ ଅକିଞ୍ଚନ ପରିବର୍ତ୍ତିତ ହୋଇପାରେ ଜଣେ ମହାନ ବ୍ୟକ୍ତିତ୍ୱରେ। ଏମିତି କିଛି କଥା ମନକୁ ଆସେ ହିନ୍ଦି ଉପନ୍ୟାସ 'କାଶୀ ମରଣାନ୍ମୁକ୍ତି' ପଢ଼ିବା ପରେପରେ। ଏହାର ଔପନ୍ୟାସିକ ମନୋଜ ଠକ୍କର ଓ ରଶ୍ମି ଛାଜେଡ୍। 'କାଶୀ'ର ପୃଷ୍ଠଭୂମିରେ ରଚିତ ଏହା ଏକ ଦାର୍ଶନିକ ଉପନ୍ୟାସ। ଯୋଉଥିରେ ବେଦ, ଉପନିଷେଦ, ପୁରାଣ, ଶାସ୍ତ୍ର ଆଦିର ସମନ୍ୱୟ ଦେଖିବାକୁ ମିଳେ। ଏଥିରେ ଏସବୁକୁ ଏମିତି ଭାବରେ ଗୁନ୍ଥାଯାଇଛି, ଯୋଉଥିରୁ ଜଣାପଡ଼େ ଏସବୁର ସାର୍ଥକତା। ଜଣେ ଚଣ୍ଡାଳର ଜୀବନ ଉପରେ ଆଧାରିତ ହୋଇଛି ଉପନ୍ୟାସଟି। ଯିଏ କି ପରବର୍ତ୍ତୀ ସମୟରେ ସଦ୍‌ଗୁରୁଙ୍କ ସନ୍ଧାନରେ ବାହାରି ତାଙ୍କୁ ଖୋଜୁଖୋଜୁ ଆଧ୍ୟାତ୍ମର ଚରମ ସୀମାରେ ପହଞ୍ଚି ଯାଇଛି ଏବଂ ପଶୁରୁ ପାଲଟିଛି ପଶୁପତି। ଉପନ୍ୟାସଟିରେ ସାଧାରଣ ଜଣେ ଚଣ୍ଡାଳକୁ ମାନବୀୟତାର ଶିଖରରେ ପ୍ରତିଷ୍ଠିତ କରାଯାଇଛି। ଆଧ୍ୟାତ୍ମ ଓ ଦର୍ଶନ ଉପରେ ଆଧାରିତ 'କାଶୀ ମରଣାନ୍ମୁକ୍ତି' ନିଶ୍ଚିତ ଭାବରେ ଏକ ସଫଳ ତଥା ସାର୍ଥକ ସୃଷ୍ଟି।

---

## ବଡ଼ଭାଇ

କବି: ଅକ୍ଷୟ ବେହେରା
ପ୍ରକାଶକ: ଏଥେନା ବୁକସ, ଭୁବନେଶ୍ୱର-୨



"ଖାଲି ପାଖରେ ଥିଲେ ଆପଣଙ୍କ ହାତ ମୋର ବା ଲୋଡ଼ା ଆଉ କାହାର ଡାକ।" - ଏହା ହେଉଛି କବି ଅକ୍ଷୟ ବେହେରାଙ୍କ 'ବଡ଼ଭାଇ' କବିତା ସଂକଳନର ପ୍ରଥମ କବିତାର ଶେଷ ଅଂଶ। ସଂକଳନରେ ସ୍ଥାନିତ ତେୟାଳିଶଟି କବିତାରେ 'ବଡ଼ଭାଇ' ହିଁ ପାଲଟିଛନ୍ତି କବିତାର ପ୍ରାଣ କେନ୍ଦ୍ର। ପ୍ରତିଟି କବିତାରେ ରହିଛି ବଡ଼ଭାଇଙ୍କ ପ୍ରତି ସାନଭାଇର ମାନଅଭିମାନ, ରାଗ ଅନୁରାଗ। ଏହା ଯେ ଏକ ବଳିଷ୍ଠ କବିତା ସଂକଳନ, ଏକଥା ଅନୁଭବ କରିହେବ ସଂକଳନର ଶେଷ କବିତାର ଏଇ ପଂକ୍ତିରୁ- "ସ୍ୱର୍ଣ୍ଣ ନ ଦେଲ ନାହିଁ ଡାଡ଼ି ଦେବନି ଚେରା କାଟି ଦେବନି ମୋର ଡାଳ। ଝଡ଼େଇ ଦେବନି ମୋର ପତ୍ର ପଛେ ଅପୂର୍ଣ୍ଣ ଥାଉ ତମର ଇଚ୍ଛାର ଉଦ୍ୟାନ ମୋର ଏହି ଏଇଠି ଏଇ ଅଗନାରେ ବଢ଼ିବା ଝଡ଼ି ଯିବାର ଅଛି ଏକାନ୍ତରେ ବିଞ୍ଚିଦେଇ ଯିବାର ଅଛି ମାଟିରେ ଆଉ ମୁଠାଏ ପୂର୍ଣ୍ଣାଙ୍ଗ ବୀଜ।"

---



## ଯେ ଗୀତ ଗାଏ ପକ୍ଷୀ

କବି: ରଞ୍ଜିତା ନାୟକ
ପ୍ରକାଶକ: ଜୀବାନନ୍ଦ ମିଶ୍ର, ବିଦ୍ୟାଭାରତୀ,
ଆଲାମଚାନ୍ଦ ବଜାର, କଟକ- ୭୫୩୦୦୨

"ରାଜ୍ଞ ଡାଳେ ଉଡ଼ି ବସି କେଉଁ ରାଗେ କି ଗୀତ ଗାଏ ପକ୍ଷୀ ସିଏ କ'ଣ ମେଘ ମଲ୍ଲାର ବେହାଗ ନା' ଆଶାବରୀ ରାଗ ?" - ଏହା ହେଉଛି କବୟିତ୍ରୀ ରଞ୍ଜିତା ନାୟକଙ୍କ 'ଯେ ଗୀତ ଗାଏ ପକ୍ଷୀ' କବିତା ସଂକଳନର ଶୀର୍ଷକ ତଥା ଶେଷ କବିତାର କିୟଦଂଶ। ସଂକଳନରେ ସ୍ଥାନିତ ଅଠତିରିଶିଟି କବିତାରେ କେଉଁଠି ଉଦ୍‌ଭାସିତ ହୁଏ ସ୍ୱପ୍ନ, ସ୍ୱପ୍ନ ଭଙ୍ଗର କଥା ତ କେଉଁଠି କବିତା କହୁଥାଏ କ୍ରାନ୍ତିର କଥା; ସ୍ୱାଧୀନତାର କଥା। ଏଇ ଯେମିତି 'କ୍ରାନ୍ତିର କଥା'ରେ, "କ୍ରାନ୍ତିର ଡାକରେ ଭିଡ଼ିଲାନି ଭରା ନଈ ଘାଟେ ନାଆ ବାଜିରାଉତ ମାନିଲାନି ରାଜା, ଝଡ଼ ଗୁଳି କି ଫାଶୀ ସହିଦ୍ ଲକ୍ଷ୍ମଣ ଶତାଢୀର ସିଂହଦ୍ୱାରେ ଅମଳିନ ମୃତ୍ୟୁହୀନ ପ୍ରାଣକ୍ରାନ୍ତି ମହାମନ୍ତ୍ର ଜପି ସେମାନେ ଆଣିଲେ ଡାକି ଏ ମାଟିର ଅଧିକାର ସ୍ୱାଧୀନତା ଅଗଷ୍ଟ ପନ୍ଦର।" କହିବାକୁ ଗଲେ, କବିତାଗୁଡ଼ିକ ସହଜ ସରଳ ବୋଧଗମ୍ୟ ଓ ଭାବ ଅନ୍ତର୍ଭେଦୀ। ତେଣୁ 'ଯେ ଗୀତ ଗାଏ ପକ୍ଷୀ'ରେ ଥିବା କବିତାଗୁଡ଼ିକ ପାଠକମାନଙ୍କୁ ମନ୍ତ୍ରମୁଗ୍ଧ କରିବାରେ ସାମର୍ଥ୍ୟ ରଖନ୍ତି।

– ଅଶୋକ ରାଉତ